ସକାଳ
THE SAKALA



# ଖଲ୍ଲିକୋଟ ବଡ଼ ଘାଟିରେ ସିରିଜ୍ ଦୁର୍ଘଟଣା; ୩ ଆହତ



## ରାସ୍ତା ନିର୍ମାଣରେ ତ୍ରୁଟି ଥିବା କହିଲେ ପୂର୍ବତନ ଯନ୍ତ୍ରୀ

ଖଲ୍ଲିକୋଟ, ୨।୮ (ସମିସ)

୧୬ ନମ୍ବର ଜାତୀୟ ରାଜପଥର ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଶନିବାର ଦୁଇଟି ଦୁର୍ଘଟଣା ଘଟିଛି। ଆଗରେ ଯାଉଥିବା ଏକ ଟ୍ରଲର ପଛକୁ କଣ୍ଟେନର ଧକ୍କା ଦେବାରୁ ଡ୍ରାଇଭର ଗୁରୁତର ଆହତ ହୋଇଥିବାବେଳେ ଅନ୍ୟପାର୍ଶ୍ୱ ରାସ୍ତାରେ ଏକ ଟ୍ରକ ଓ ଟ୍ରଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁଇ ଡ୍ରାଇଭର ଆହତ ହୋଇଛନ୍ତି।

ଚେନ୍ନାଇରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର (ନଂ.ଟିଏନ୍୮୮ ଏଚ-୭୮୦୬) ଆଜି ଖଲ୍ଲିକୋଟ ବଡ଼ଘାଟି ରାସ୍ତାରେ ଥିବା ବ୍ରିଜ୍ ଉପରେ ଏକ ଟ୍ରଲର ପଛକୁ ଧକ୍କା ଦେଇଥିଲା। ଫଳରେ କଣ୍ଟେନର ଡ୍ରାଇଭର ଗାଡ଼ି ଭିତରେ ଫସି ରହିଥିଲେ। ଅଗ୍ନିଶମ ବାହିନୀ ଡ୍ରାଇଭରକୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରିଜ ଉପରେ ଦୁର୍ଘଟଣା ଘଟିଥିବାରୁ ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତା ବନ୍ଦ ହୋଇ ଯାଇଥିଲା। ପୁଲିସ ପହଞ୍ଚି ଭୁବନେଶ୍ୱର-ବ୍ରହ୍ମପୁର ରାସ୍ତାରେ ଉଭୟ ପଟର ଗାଡ଼ିକୁ ଛାଡି ଥିଲା।

ପୁଣି ସେହି ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଗୋଟିଏ ଡାକ ପାର୍ସଲ ଟ୍ରକ ସହ ଏକ ଟ୍ରଲରର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇଟି ଗାଡିର ଡ୍ରାଇଭର ଆହତ ହୋଇ ଚିକିତ୍ସା ପାଇଁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି ହୋଇଥିଲେ।

ତେବେ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଛି। ଘାଟି ରାସ୍ତାର ନିର୍ମାଣ ଶୈଳୀରେ ତ୍ରୁଟି ରହିଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା କହିଛନ୍ତି ଖଲ୍ଲିକୋଟ ଏନ୍ଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା। ଶ୍ରୀ ବେହେରା ଚାକିରିରୁ ଅବସରଗ୍ରହଣ କରିବା ପୂର୍ବରୁ ଜାତୀୟ ରାଜପଥର ଇଞ୍ଜିନିୟର ଥିଲେ। ତେଣୁ ସେ ଦୃଢ଼ତାର ସହ କହିଛନ୍ତି ଯେ, ଯଦି ଜାତୀୟରାଜ କର୍ତ୍ତୃପକ୍ଷ ତାଙ୍କ ସହ ଯୋଗାଯୋଗ କରନ୍ତି ତାହେଲେ ସେ ଜଣାଇ ଦେବେ କେଉଁଠି ତ୍ରୁଟି ରହିଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାକୁ ରୋକିବାକୁ ଏହି ରାସ୍ତାର ପୁନଃ ନିର୍ମାଣର ଆବଶ୍ୟକତା ରହିଛି ବୋଲି ଇଂ. ନିରଞ୍ଜନ ବେହେରା କହିଛନ୍ତି।

## ସୁରଟ ଫେରନ୍ତା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଶେରଗଡ଼, ୨।୮ (ସମିସ): ଶନିବାର ଜଣେ ସୁରଟ ଫେରନ୍ତା ଯୁବକଙ୍କ ଘରେ ପହଞ୍ଚିବା ପୂର୍ବରୁ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଶେରଗଡ଼ ଥାନା ଦଶମୁଣ୍ଡୁଳି ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ଅଶୋକ କୁମାର ଜେନା (୩୫)। ସେ ସୁରଟର ଏକ ସୂତା କଳରେ କାମ କରୁଥିବାବେଳେ ଦୀର୍ଘଦିନ ପରେ ଶନିବାର ଘରକୁ ଫେରୁଥିଲେ। ଶେରଗଡ଼ର ଚାରି ଛକରେ ବସ୍‌କୁ ଅପେକ୍ଷା କରିଥିବାବେଳେ କୌଣସି କାରଣରୁ ସେଠାରେ ଟଳି ପଡ଼ିଥିଲେ। ଏହାପରେ ସ୍ଥାନୀୟ ଜନସାଧାରଣ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହ ଉଦ୍ଧାର କରି ୧୦୮ ଯୋଗେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ଆଣିଥିଲେ।



ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶେରଗଡ଼ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହ ରବିବାର ଶବ ବ୍ୟବଚ୍ଛେଦ ଲାଗି ପଠାଯିବ ବୋଲି ଏଏସ୍ଆଇ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ସେପଟେ ପରିବାର ବର୍ଗ ଅଶୋକ ପେଟରେ ଆଘାତର ଚିହ୍ନ ଦେଖି ଅଶୋକଙ୍କ ମୃତ୍ୟୁ ଅସ୍ୱାଭାବିକ ଭାବେ ହୋଇଥିବା ସନ୍ଦେହ କରିଛନ୍ତି ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଛତ୍ରପୁର, ୨।୮ (ସମିସ): ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ବିଡ଼ିଓ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏହାସହିତ ଆବାସ, ପାନୀୟ ଜଳ, ପରିମଳ, ମନରେଗା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଏହି ବୈଠକ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରାଙ୍କ ସମେତ ସମସ୍ତ ବିଡ଼ିଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଥିଲେ।

## ଦୁର୍ଘଟଣାଗ୍ରସ୍ତ ସାମ୍ବାଦିକଙ୍କୁ ଭେଟିଲେ ବିଧାୟକ

ବେଲଗୁଣ୍ଠା, ୨।୮ (ସମିସ): ଗତ ୨୯ ତାରିଖରେ ବେଲଗୁଣ୍ଠାର ସାମ୍ବାଦିକ ତଥା ବିଜେପି ନଗର ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ ତ୍ରିପାଠି ନିଜ ଘର ଆଗରେ ଛିଡ଼ା ହୋଇଥିବାବେଳେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୂର୍ଯ୍ୟ ନାରାୟଣଙ୍କ ମୁଣ୍ଡ ଏବଂ ଗୋଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ବେଲଗୁଣ୍ଠା ଏବଂ ପରେ ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସୂର୍ଯ୍ୟ ଭଞ୍ଜନଗର ମେଡିକାଲ୍‌ରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ



ସୂର୍ଯ୍ୟନାରାୟଣଙ୍କ ବାସ ଭବନକୁ ଯାଇ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ବିଧାୟକଙ୍କ ସହିତ ବେଲଗୁଣ୍ଠା ନଗର ସାଂସଦ ପ୍ରତିନିଧି ନାରାୟଣ ସାହୁ ଏବଂ ସୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଙ୍ଗଠକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

## ରୋଗୀ ସେବା ଦେଖିଲେ ଛାତ୍ରଛାତ୍ରୀ



ଛତ୍ରପୁର, ୨।୮ (ସମିସ): ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲର ଛାତ୍ରଛାତ୍ରୀ ଶନିବାର ଅଧ୍ୟୟନ ଭ୍ରମଣରେ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାର ରୋଗୀ ଚିକିତ୍ସା କାର୍ଯ୍ୟକୁ ପରିଦର୍ଶନ କରିଛନ୍ତି। ୟୁରୋ ସ୍କୁଲର ୟୁକେଜି ଶ୍ରେଣୀର ଛାତ୍ରଛାତ୍ରୀ ଶ୍ରେଣୀ ଶିକ୍ଷୟିତ୍ରୀ ରଞ୍ଜିତା ପଣ୍ଡା ଓ ସନ୍ଧ୍ୟାଙ୍କ ନେତୃତ୍ୱରେ ଉପଖଣ୍ଡ ଡାକ୍ତରଖାନାକୁ ଗସ୍ତ କରିଥିଲେ। ଡାକ୍ତରଖାନାରେ ଶିଶୁ ରୋଗୀଙ୍କ ଠାରୁ ବୃଦ୍ଧ ରୋଗୀଙ୍କୁ କିପରି ଡାକ୍ତର ଚିକିତ୍ସା କରୁଛନ୍ତି, ବେଡ୍‌ରେ ଥିବା ରୋଗୀମାନଙ୍କୁ ଡାକ୍ତର ଓ ନର୍ସମାନେ କିପରି ସେବା ଯୋଗାଇ ଦେଉଛନ୍ତ. ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ଔଷଧ ବିତରଣ ସହ ଡାକ୍ତରଖାନା ପରିସରରେ ଥିବା ସମସ୍ତ କକ୍ଷ ଗୁଡିକୁ ଛାତ୍ରଛାତ୍ରୀମାନେ ପରିଦର୍ଶନ କରି ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ପରିଚିତ ହୋଇଥିଲେ। ଡାକ୍ତରମାନେ ମଧ ଛାତ୍ରଛାତ୍ରୀଙ୍କୁ ଭଲ ପାଠପଢ଼ି ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନାରେ ରୋଗୀଙ୍କୁ କିପରି ସେବା କରାଯାଇଥାଏ ଏ ବିଷୟ ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ବେଶ୍ ଉପକୃତ ହୋଇପାରିବ ଆଶା ନେଇ ସ୍କୁଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସ୍କୁଲର ପୃଷ୍ଠପୋଷକ ସସ୍ମିତା ମହାପାତ୍ର କହିଛନ୍ତି।

## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ; ୫ ଗିରଫ

ଭଞ୍ଜନଗର, ୨।୮ (ସମିସ): ଭଞ୍ଜନଗର ପୁଲିସ ଗୁରୁବାର ରାତିରେ ଏକ ବଡ଼ ଧରଣର ଅଘଟଣ ରୋକିବାରେ ସକ୍ଷମ ହୋଇଛି। ଏହି ମାମଲାରେ ପୁଲିସ ଶନିବାର ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଞ୍ଚଳର ୫ ଜଣକୁ ଗିରଫ କରିଛି। ସେମାନେ ହେଲେ ସୁଡ଼ଙ୍ଗଇ ଗ୍ରାମର ସନ୍ତୋଷ ପରିଡ଼ା, ଶକ୍ତିକାନ୍ତ ପରିଡ଼ା, ସୁରେଶ ପରିଡ଼ା, ତରବାଇ



ଗ୍ରାମର ସୁମନ୍ତ ଭଟ୍ଟ ଓ ଗଣ୍ଡାପଦ ଗ୍ରାମର ଆଶୁତୋଷ ବାରିକ। ସେମାନଙ୍କ ଠାରୁ ପୁଲିସ ଗୋଟିଏ କାର୍, ଗୋଟିଏ ମାଉଜର, ଗୋଟିଏ ଛୁରି, ୩ଟି ଜୀବନ୍ତ ଗୁଳି, ଗୋଟିଏ କ୍ୟାଟ୍ରିଜ୍ ଜବତ କରିଛି। ଡେଲାଙ୍ଗ ଥାନା ଅନ୍ତର୍ଗତ ଗଣ୍ଡାପଡ଼ ଗ୍ରାମର ସୋମନାଥ ପଣ୍ଡା ବୋଲଗଡ଼ରେ ଏକ କମ୍ପାନୀରେ କାମ କରୁଥିଲେ। ଏହି ସମୟରେ ତାଙ୍କ ଗ୍ରାମର ଆଶୁତୋଷ ବାରିକଙ୍କୁ ଆଣି ସେଠାରେ ନିଯୁକ୍ତି ଦେଇଥିଲେ। ଏହାପରେ ସୋମନାଥଙ୍କ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରାକୁ ବଦଳି ହୋଇଯାଇଥିଲା। ଏହି ସମୟରେ କୌଣସି କଥାକୁ ନେଇ ସୋମନାଥ ଓ ଆଶୁତୋଷଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଗତ ଗୁରୁବାର ରାତିରେ ଆଶୁତୋଷ ସମସ୍ୟାର ସମାଧାନ ପାଇଁ ସୋମନାଥଙ୍କୁ ଭଞ୍ଜନଗର ଥାନା ଜାମପଲ୍ଲୀ ମନ୍ଦିର ନିକଟକୁ ଡାକିଥିଲେ। କିନ୍ତୁ ଆଶୁତୋଷ ୬ ଜଣଙ୍କୁ ଧରି ଆସିଥିଲେ। ସୋମନାଥ ସେଠାକୁ ଯିବା ପରେ କାରରୁ ୬ ଜଣ ଓହ୍ଲାଇ ସୋମନାଥଙ୍କୁ ମାଡ଼ ମାରିଥିଲେ। ଏନେଇ ପଥଚାରୀମାନେ ଦେଖି ୧୧୨କୁ ଫୋନ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସଦଳବଳ ପହଞ୍ଚି ସୋମନାଥଙ୍କୁ ଉଦ୍ଧାର ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାରେ ଆଉ ଜଣେ ଫେରାର ହୋଇଯାଇଛି।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର କିସ୍ତି ବଣ୍ଟନ

ଛତ୍ରପୁର, ୨।୮ (ସମିସ): ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବଣ୍ଟନ ନିମନ୍ତେ ଜିଲ୍ଲା ପରିଷଦର



ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମ ଉତ୍ତର ପ୍ରଦେଶର ବାରଣାସୀଠାରେ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ଆଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ କୀର୍ତ୍ତି ଭାସନ୍ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗଞ୍ଜାମ ଜିଲ୍ଲାର ପ୍ରାୟ ୧ଲକ୍ଷ ୭୦ହଜାର କୃଷିଜୀବୀଙ୍କୁ ୨୦ତମ କିସ୍ତି ପ୍ରଦାନ କରାଯାଇଛି ବୋଲି କହିଥିଲେ। ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସୋରଡା ବିଧାୟକ ନୀଳମଣୀ ବିଷୋୟୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଯୋଗଦେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ମା’ଙ୍କ ଶ୍ରାଦ୍ଧବାର୍ଷିକୀରେ ଶବ ସଂରକ୍ଷଣ ଫ୍ରିଜ୍ ଦାନ

ଭଞ୍ଜନଗର, ୨।୮ (ସମିସ): ବର୍ଷକ ତଳେ ମା’ଙ୍କ ମୃତ୍ୟୁ ଘଟିଥିଲା। ବିଦେଶରେ ରହୁଥିବା ପରିବାର ଓ ଆତ୍ମୀୟସ୍ୱଜନ ଭଞ୍ଜନଗରରେ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଏଣୁ ଶବକୁ ସଂରକ୍ଷଣ କରି ରଖିବାକୁ ପରିବାର ଲୋକ ବ୍ରହ୍ମପୁରର ଗୋଟିଏ ସଂସ୍ଥା ସହ କଥାବାର୍ତ୍ତା କରି ଅତିକଷ୍ଟରେ ଶବ ସଂରକ୍ଷଣ ପାଇଁ ଏକ ଫ୍ରିଜ୍‌ବକ୍ସ ଯୋଗାଡ଼ କରିଥିଲେ। ଆଉ ପରିବାର ଲୋକେ ଆସିବାପରେ ଶେଷକୃତ୍ୟ କରାଯାଇଥିଲା। ସେତେବେଳର ସେହି କଷ୍ଟକୁ ଉପଲବ୍ଧି କରିଥିବା ଭଞ୍ଜନଗର ସହରର ଶ୍ରୀରାମ ପ୍ରସାଦ ପାଳ ଏପରି ଆଉ କେହି ଅସୁବିଧା ନ ଭୋଗୁ ସେଥିପାଇଁ ଶବ ସଂରକ୍ଷଣ ଫ୍ରିଜ୍‌ର



ଦାନ କରିଛନ୍ତି। ଅଗଷ୍ଟ ୧ ତାରିଖରେ ମା’ ସ୍ୱର୍ଗୀୟ ପ୍ରେମଲତା ପାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଭଞ୍ଜନଗରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ବିଡ଼େକା ‘ଜଳସମ୍ପଦ ବିଭାଜନ ସାଂସ୍କୃତିକ ପରିଷଦ’କୁ ଉକ୍ତ ପରିବାର ପକ୍ଷରୁ ଏକ ଶବ ସଂରକ୍ଷଣ ଫ୍ରିଜ୍ ପ୍ରଦାନ କରାଯାଇଛି। ଏଥିରେ ଦୀର୍ଘଦିନ ଧରି ଶବକୁ ସଂରକ୍ଷିତ ରଖାଯାଇପାରିବ। ପାଳ ପରିବାର ପକ୍ଷରୁ ପ୍ରଦତ୍ତ ଏହି ଫ୍ରିଜ୍‌କୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବିଡ଼େକା ସମ୍ପାଦକ ଇଂ ସନ୍ତୋଷ କୁମାର ଗୌଡ଼ଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ପୁରା ପରିବାର ସଦସ୍ୟ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ।

## ମେମୁ ଟ୍ରେନ୍‌ରୁ ବୃଦ୍ଧଙ୍କୁ ଠେଲିଦେଲେ

ଖଲ୍ଲିକୋଟ, ୨।୮ (ସମିସ): ଖଲ୍ଲିକୋଟ ରେଳ ଷ୍ଟେସନ ନିକଟରେ ମେମୁ ଟ୍ରେନରୁ ଖସିପଡ଼ି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ପୁସ୍ତପୁର ଗ୍ରାମର ନୀଳକଣ୍ଠ ଘୋଷ (୬୨)। ତାଙ୍କୁ କେହି ଟ୍ରେନ୍‌ରୁ ଠେଲି ଦେଇଥିବା ସେ କହିଛନ୍ତି। ଶନିବାର ଅପରାହ୍ନରେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନରେ ନୀଳକଣ୍ଠ ଖଲ୍ଲିକୋଟ ଆସୁଥିବା ବେଳେ ଷ୍ଟେସନ ନିକଟରେ ହଠାତ୍ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ଟ୍ରେନରୁ କେହି ଠେଲି ଦେଇଥିବା ସେ ଅଭିଯୋଗ କରିଛନ୍ତି।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଓଷ୍ଟା ସଂଘର ଦାବିପତ୍ର

ଭଞ୍ଜନଗର, ୨।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନା, ନିମ୍ନ ମାଧ୍ୟମିକ ସଂଘ ରାଜ୍ୟ ମୁଖ୍ୟଉପଦେଷ୍ଟା ଜଗବନ୍ଧୁ ଜେନା, ଅମରବିଳାସ ବେହେରା, ବ୍ଲକ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ପାଦକ ଗୌରୀନନ୍ଦନ ହୋତା, ହେମନ୍ତ କୁମାର ତ୍ରିପାଠୀ, ସତ୍ୟବାନ ସାହୁ, ସରୋଜଲକ୍ଷ୍ମୀ ଦାସ, ସନତ କୁମାର ଦଳବେହେରା, କାମରାଜୁ ଗୌଡ଼ଙ୍କ ନେତୃତ୍ୱରେ ବିଭିନ୍ନ ଦାବି ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକର ଚାକିରି ସର୍ତ୍ତାବଳୀ, ପେନ୍‌ସନ, ଅବସରକାଳୀନ ସୁବିଧା, ଗେଡ୍‌ପେରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ ଓ ବୟସସୀମା ୬୦ରୁ ୬୨କୁ ବୃଦ୍ଧି ପ୍ରମୁଖ ଦାବି ଉପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ରାଧାକାନ୍ତ ଦାସ, ସଚିତ୍ର କୁମାର ନାୟକ, ପଞ୍ଚାନନ ଚୌଧୁରୀ, ଗୋପାଳ ଚନ୍ଦ୍ର ପଣ୍ଡା, ସୁବ୍ରତ କୁମାର ତ୍ରିପାଠୀ, ମନୋଜ କୁମାର ମିଶ୍ର, ମମତା ପ୍ରଧାନ, ସାଗରିକା ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ବିଷୋୟୀ, ମାମାରାଣୀ ପାଣି, ରବୀନ୍ଦ୍ର କୁମାର ବାରିକ, ଅନଙ୍ଗ ପ୍ରସାଦ ଦାସ, ସୁବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ ପରେ ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ସୋରଡ଼ା, ୨।୮ (ସମିସ): ସୋରଡା ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ସୋରଡ଼ା ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜି କାଲିର ନୂତନ ପିଢ଼ି ପାଇଁ ଆବଶ୍ୟକତା ଥିବା ଏଲଇଡ଼ିଟିଭିର ଉଦଘାଟନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ପିଲାମାନେ ବାୟୁପ୍ରଦୂଷଣ, ଯାନବାହନ ଚଳାଚଳର ନିୟନ୍ତ୍ରଣ, ରକେଟ ବିଜ୍ଞାନ, ଆଧୁନିକ ବିଜ୍ଞାନ ଉପରେ ରୁଚି ରଖିଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁନିଲ କୁମାର ରଥ, ବିଜ୍ଞାନ ପ୍ରମୁଖ ଜିତେନ୍ଦ୍ର ମହାରଣା, ନାରାୟଣ ସାହୁ ପମୁଖ ରହିଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଶିଶୁ ମନ୍ଦିର ସଭାପତି ରୋହିତ କୁମାର ବିଷୋୟୀ, ଉପ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ଼, ସମ୍ପାଦକ ମହେଶ୍ୱର ସାହୁ, ସହ ସମ୍ପାଦକ ଗୁରୁ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କୁକୁଡାଖଣ୍ଡି, ୨।୮ (ସମିସ): କୁକୁଡ଼ାଖଣ୍ଡି ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୭୫ଟି ପ୍ରକଳ୍ପ ଅଣାଯାଇଥିଲା। ଖାଦ୍ୟାଭ୍ୟାସ ଅନୁଯାୟୀ ପ୍ରାଣୀମାନଙ୍କ ଶ୍ରେଣୀ ବିଭାଗ, ଶକ୍ତି ସଂରକ୍ଷଣ, ଜଳ ପ୍ରଦୂଷଣ ଓ



ନିରାକରଣ, ଶରୀର ଗଠନ, ଜୀବାଶ୍ମ ଇନ୍ଧନ ଉପରେ ଆଧାରିତ ନମୁନା ଇତ୍ୟାଦି ପ୍ରକଳ୍ପ ଆଣିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଧାନ ଗୁରୁଜୀ ନିରଞ୍ଜନ ବିଷୋୟୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ରାଧେଶ୍ୟାମ ଫାଉଣ୍ଡେସନର ବାର୍ଷିକ ଉତ୍ସବ

ଛତ୍ରପୁର, ୨।୮ (ସମିସ): ଛତ୍ରପୁର ଏନଏସି କଲ୍ୟାଣ ମଣ୍ଡପ ପରିସରରେ ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ତଥା ଛତ୍ରପୁର ଏନ୍ଏସିର ୧୦ନଂ. ୱାର୍ଡ କାଉନ୍‌ସିଲର ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇଥିଲେ। ଆଇନ



ପରାମର୍ଶଦାତା ବିଜୟ କୃଷ୍ଣ ପଟ୍ଟନାୟକ, ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା, ଉପଦେଷ୍ଟା ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦିକା ଝିଲିବାଳା ରାଉତ ଓ ଯୁଗ୍ମ ସମ୍ପାଦିକା ଗୀତା ସାହୁ ଯୋଗଦେଇ ଟ୍ରଷ୍ଟର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଗରିବ ଓ ଅସହାୟ ପିଲାଙ୍କୁ ମାଗଣା ପାଠ ପଢ଼ାଇବା ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ଶିକ୍ଷାବିତ୍ ତଥା ୟୁରୋ ସ୍କୁଲର ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିଥିବା ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥ, ବିଦ୍ୟୁତ ସେବା ଯୋଗାଇ ଦେଉଥିବା ଲାଇନ୍‌ମ୍ୟାନ ବିନୋଦ କ୍ରିଷ୍ଣା ସାହୁ, ବିପଦ ସମୟରେ ସହଯୋଗ କରିଥିବା ଛତ୍ରପୁର ଫାୟାର ଅଫିସର ଧନଞ୍ଜୟ ମଲ୍ଲିକ, ସଫେଇ କର୍ମଚାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତ କାଉନ୍‌ସିଲର ଏବଂ ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡୀଙ୍କୁ ମଧ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପଦେଷ୍ଟା ଡ଼. ପ୍ରଶାନ୍ତ କୁମାର ଶତପଥୀ ସଂଯୋଜନା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦିକା ଝିଲିବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କ ସେବା ନିମନ୍ତେ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ସଭାପତି ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଭିନବ ପ୍ରୟାସ ‘ଶ୍ରେଷ୍ଠ’

ବେଲଗୁଣ୍ଠା, ୨।୮ (ସମିସ)

ଆସନ୍ତା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ ବୃଦ୍ଧି ପାଇବ ‘ଏ-୧’ ଗ୍ରେଡ଼ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଓ ଏନେଇ ଅଭିନବ ପ୍ରୟାସ ‘ଶ୍ରେଷ୍ଠ’ କାର୍ଯ୍ୟକ୍ରମ ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି ବେଲଗୁଣ୍ଠା ଏବଂ ଭଞ୍ଜନଗର ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ। ଆଗାମୀ ମାଟ୍ରିକ୍ ପରୀକ୍ଷାରେ ଉଭୟ ବେଲଗୁଣ୍ଠା ଏବଂ ଭଞ୍ଜନଗର ବ୍ଲକର ସରକାରୀ ବିଦ୍ୟାଳୟରୁ ଅତି କମ୍‌ରେ ୫ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ‘ଏ-୧’ରେ ପାସ୍ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ଅନୁସାରେ ଚଳିତ ବର୍ଷ ଅଗଷ୍ଟ, ସେପ୍ଟେମ୍ବର ଏବଂ ଜାନୁୟାରୀ ମାସର ମଧ୍ୟ ଭାଗରେ ବ୍ଲକର ସମସ୍ତ ଉଚ୍ଚ



ବିଦ୍ୟାଳୟର ‘ଏ-୧’ ଆଶାର୍ଥୀ ଛାତ୍ରଛାତ୍ରୀଙ୍କୁ ୬ଟି ବିଷୟରେ ଗୋଟିଏ ସ୍ଥାନରେ ସ୍କ୍ରିନିଂ କରାଯିବ। ଗୋଟିଏ ସ୍ଥାନରେ ପରୀକ୍ଷା ଦେଲେ ତାଙ୍କ ମନରେ ପ୍ରତିଯୋଗିତା ମନୋଭାବ ମଧ୍ୟ ବଢ଼ିବ। ଏହା ସହିତ ସହିତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଛଅ ବିଷୟର ଛଅ ଜଣ ସମ୍ବଳ ଶିକ୍ଷକ ଏବଂ ପ୍ରତ୍ୟକ ବିଦ୍ୟାଳୟର ଆଶାର୍ଥୀ ଏ୧ ବିଦ୍ୟାର୍ଥୀଙ୍କୁ ନେଇ ‘ଶ୍ରେଷ୍ଠ’ ନାମକ ଏକା ହ୍ୱାଟ୍ସଆପ୍ ଗ୍ରୁପ୍ କରାଯିବ। ସେହି ଗ୍ରୁପ୍‌ରେ ପ୍ରତ୍ୟେକ ଦିନ ଛଅ ଜଣ ସମ୍ବଳ ଶିକ୍ଷକଙ୍କ ଦ୍ୱାରା ଛଅଟି ବିଷୟରୁ ଛଅଟି ପ୍ରଶ୍ନ ସେୟାର କରାଯିବ। ସେହି ପ୍ରଶ୍ନର ଉତ୍ତରକୁ ପ୍ରସ୍ତୁତ କରି ବିଦ୍ୟାର୍ଥୀ ତା’ପରଦିନ ବିଦ୍ୟାଳୟରେ ଲେଖି ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ସଂଶୋଧନ କରାଇବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ରଥଙ୍କ ଅଧ୍ୟକ୍ଷତାରେ ଭଞ୍ଜନଗର

**୧୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ‘ଏ-୧’ରେ ପାସ୍ ପାଇଁ ପ୍ରୟାସ**

ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଏହିଭଳି ପ୍ରୟାସକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି।

ସକାଳ
THE SAKALA



www.sakalaepaper.com

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ବିହନ ଓ ସାର ବଣ୍ଟନ

ଫିରିଙ୍ଗିଆ,୨।୮ (ସମିସ): ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର ବାବା ଭୋଲେଶ୍ୱର କ୍ଲଷ୍ଟର କାର୍ଯ୍ୟାଳୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମୁଖ୍ୟମନ୍ତ୍ରୀ ଜନଜାତି ମିଶନ (ଆଇଟିଡିଏ) ଫୁଲବାଣୀ ଦ୍ୱାରା ଆଦିବାସୀଙ୍କୁ ସାର ଓ ବିହନ ଓ ଔଷଧ ବଣ୍ଟନ କରାଯାଇଛି । ସଂସ୍ଥାର ପି. ମୁରଲୀ ମୋହନ, ଶୁଭଶ୍ରୀ ମହାନ୍ତି, ଗୁପ୍ତ ଖିଲ, ଉମାକାନ୍ତ ସାହୁ, ରତଙ୍ଗ ସରପଞ୍ଚ ପାର୍ବତୀ ମାଲିକ, ସମିତିସଭ୍ୟ ବିରଞ୍ଚି ମଲିକଙ୍କ ସହ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଉପସ୍ଥିତ ଅତିଥି ଚାଷୀମାନଙ୍କୁ ବିନ୍‌ସି ମଞ୍ଜି, ମିଠା ମକା, ସୂର୍ଯ୍ୟମୁଖୀ, ସହ ଖତ ସାର ଓ ଔଷଧ ବଣ୍ଟନ କରିଥିଲେ । ଏଥିରେ ୮୮ ଜଣ ଚାଷୀଙ୍କୁ ବିନ୍‌ସ ଓ ୧୨ ଜଣ ଚାଷୀଙ୍କୁ ସୂର୍ଯ୍ୟମୁଖୀ ସହ ଅନ୍ୟାନ୍ୟ ଜିନିଷ ବଣ୍ଟନ କରାଯାଇଥିଲା । ବାବା ଭୋଲେଶ୍ୱରର ଜୀବିକା ସାଥି ନିର୍ମଳ ମଲିକ ଏବଂ ଯୁବଉଦ୍ୟୋଗୀ କୁନା ମଲିକ, ଗୋକୁଳ କହଁର, ରୁଦ୍ର ମଲିକ, ପିଣ୍ଟୁ କହଁର ଓ ଗୋପାଳ ମଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



ଗୁମ୍ମା,୨।୮ (ସମିସ): ଗୁମ୍ମା ସଦର ମହକୁମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା । ଗୁମ୍ମା ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ଚକ୍ଷୁ ଜନିତ ସମସ୍ୟା ଥିବା ବିଦ୍ୟାର୍ଥୀଙ୍କୁ ଚଷମା ଆବଶ୍ୟକତା ଥିବା ସ୍ୱାସ୍ଥ୍ୟ ବିଭାଗ ପରିକ୍ଷଣରେ ପରିଲକ୍ଷିତ ଥିବା ବେଳେ ସୁରେନ୍ଦ୍ର ସାଇ ବିଦ୍ୟାଦୃଷ୍ଟି ଯୋଜନା ମାଧ୍ୟମରେ ଗୁମ୍ମା ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୩୯ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ କରାଯାଇଛି । ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରାର୍ଥ ପ୍ରୀତମ ପଣ୍ଡା, ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ଅଧିକାରୀ ଜନ୍ମେଞ୍ଜୟ ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କ୍ରିଷ୍ଣା ରାଓ, ସାଧନ କେନ୍ଦ୍ର ସଂଯୋଜକ କ୍ଷମାସାଗର ପାଲକା ଓ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ପଦ୍ମଜା ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥି ମାନେ ପ୍ରତିଦିନ ସବୁଜ ପନିପରିବା ଶାଗ, ଜହ୍ନି, ବାଇଗଣ, ଲାଉ, କଲରା ଆଦି ପୁଷ୍ଟିକର ପରିବା ଖାଇବା ଦ୍ୱାରା ଚକ୍ଷୁ ଜନିତ ରୋଗ ଦୂର ହୋଇଥାଏ ଏବଂ ପ୍ରତିଦିନ ଚଷମା ପରିଧାନ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ କାଳୀ ପ୍ରସାଦ ଦାଶ, ରବି କୁମାର ଦୋରା ଓ ମାଝୀ କୁମାର ବିଶ୍ୱାଳ ପରିଚାଳନା କରିଥିଲେ ।

# ଆରସ୍ମିନ ଜନତା ଉଚ୍ଚ ବିଦ୍ୟାଳୟରେ ଯୋଗ ବିଜ୍ଞାନ ଶିବିର



ଜି.ଉଦୟଗିରି,୨।୮ (ସମିସ): ଜି.ଉଦୟଗିରି ନିକଟସ୍ଥ ଗ୍ରେସିଙ୍ଗିଆ ଆରସ୍ମିନ ଜନତା ଉଚ୍ଚ ବିଦ୍ୟାଳୟରେ ଆଜି ଯୋଗ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷକ ମହମଦ ଜାମିଲ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଖେଳ ଶିକ୍ଷକ ସୁରେଶ କୁମାର ସାହୁ ପରିଚାଳନା କରିଥିଲେ । ଶିବିରରେ ଯୋଗ ଗୁରୁ ତଥା ପତଞ୍ଜଳି ଯୋଗସମିତି ଜିଲ୍ଲା ଯୋଗ ପ୍ରଭାରୀ ବଟ କ୍ରିଷ୍ଣ ଦାଶ ଏବଂ ଯୋଗ ଗୁରୁ ରାଜେନ୍ଦ୍ର ମହାପାତ୍ର ଯୋଗ ଦେଇ ଯୋଗ, ପ୍ରାଣାୟାମ ଶିକ୍ଷା ଦେଇଥିଲେ । ଛାତ୍ରଛାତ୍ରୀ ତାଡ଼ାସନ, ବୃକ୍ଷାସନ, ତ୍ରିକୋଣସନ, ଶାସକାସନ, ମାଣ୍ଡୁକାସନ, ସିଂହାସନ, ହାସ୍ୟାସନ ସହିତ ଭାସ୍ତ୍ରିକା ପ୍ରାଣାୟାମ, କପାଳଭାତି ପ୍ରାଣାୟାମ, ବାହ୍ୟ ପ୍ରାଣାୟାମ, ଅନୁଲୋମ ୱିଲୋମ ପ୍ରାଣାୟାମ, ଭ୍ରମରି, ଉଦଗିତ, ପ୍ରଣବ ପ୍ରାଣାୟାମ ଅଭ୍ୟାସ କରିଥିଲେ ।

# ପୋଡ଼ାଗଲା ୧୨୬୪ କିଲୋ ଜବତ ଗଞ୍ଜେଇ

ଫୁଲବାଣୀ,୨।୮ (ସମିସ): କନ୍ଧମାଳ ଜିଲାରେ ବିଭିନ୍ନ ସମୟରେ ଜବତ ହୋଇଥିବା ୧୨୬୫ କେଜି ଗଞ୍ଜେଇ ଗଞ୍ଜାମ ଜିଲ୍ଲା ଶେରଗଡ଼ରେ ସରକାରୀ ନୀତି ଓ ନିୟମ ପ୍ରକାରେ ପୋଡ଼ି ନଷ୍ଟ କରିଦିଆଯାଇଛି । ଜିଲ୍ଲା ନିଶା ବିନାଶ କମିଟିର ଅଧ୍ୟକ୍ଷ ତଥା କନ୍ଧମାଳ ଏସ୍‌ପି ହରିଶ୍ ବିସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ପ୍ରକାରେ ଖଜୁରିପଡା, ଗୋଚ୍ଛାପଡ଼ା ଏବଂ ଫିରିଙ୍ଗିଆ ଥାନା ଅନ୍ତର୍ଗତ ୨୦ ମାମଲାରେ ପୂର୍ବରୁ ଜବତ ହୋଇଥିବା ଏହି ଗଞ୍ଜେଇ ନଷ୍ଟ କରାଯାଇଛି । ଏହି ଅବସରରେ ଜିଲ୍ଲା ନିଶା ନିବାରଣ କମିଟିର ସଭ୍ୟ ତଥା ପୁଲିସ୍ ଅଧିକାରୀ ମାନସ ରଂଜନ ବାରିକ, ଅବକାରୀ ବିଭାଗ ପକ୍ଷରୁ ଇନ୍ସପେକ୍ଟର ବିନୋଦ ବିସ୍କେ, ମାଜିଷ୍ଟ୍ରେଟ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଯେଉଁସବୁ ମାମଲାର ଜବତ ଗଞ୍ଜେଇ ପୋଡ଼ି ଦିଆଯାଇଛି ସେହିସବୁ ମାମଲା ଗୁଡ଼ିକର ବର୍ତ୍ତମାନ ପ୍ରି ଟ୍ରାଏଲ୍ ଚାଲିଥିବା ବେଳେ ଏହି ଜବତ ଗଞ୍ଜେଇର ଆବଶ୍ୟକତା ନଥିବା ଯୋଗୁଁ କମିଟି ତାହାକୁ ପୋଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥାଏ ବୋଲି ସୂଚନା ଦିଆଯାଇଛି ।



## ପୋକରା ଚାଉଳ ଭାତ ଖାଉଛନ୍ତି ଶିଶୁ

# ଅଙ୍ଗନବାଡ଼ିରେ ତାଲା ପକାଇଲେ ଉତ୍ୟକ୍ତ ମହିଳା



ଦାରିଙ୍ଗବାଡ଼ି,୨।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ପଞ୍ଚାୟତ ମାହାଡଗାଣ୍ଡା ଅଙ୍ଗନବାଡ଼ି-୨ର ଅଙ୍ଗନବାଡ଼ି କର୍ମୀ ଶିବାଜିନୀ ପ୍ରଧାନ ମନମାନି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଶିଶୁଙ୍କୁ ପୋକ ସାଲୁବାଲୁ ଚାଉଳରେ ପ୍ରସ୍ତୁତ ଭାତ ଦେଉଛନ୍ତି । ପିଲାଙ୍କୁ ଗୋଟିଏ ଅଣ୍ଡା ସ୍ଥାନରେ ଫାଳେ ଅଣ୍ଡା ଦେଉଥିବା ବେଳେ ଗର୍ଭବତୀ ମହିଳାଙ୍କ ରେଜିଷ୍ଟ୍ରେସନ ସଠିକ୍ ଭାବେ କରୁ ନ ଥିବା ମହିଳା ଅଭିଯୋଗ କରିଛନ୍ତି ।

ପ୍ରସୂତୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ଯାହା ଖାଦ୍ୟ ଆସୁଛି ସେସବୁ ଖାଦ୍ୟକୁ ହଡ଼ପ କରୁଛନ୍ତି ଅଙ୍ଗନବାଡ଼ି କର୍ମୀ । କର୍ମୀଙ୍କ ମନମାନିରେ ଅତିଷ୍ଠ ଉତ୍ୟକ୍ତ ମହିଳା ଅଙ୍ଗନବାଡ଼ି କର୍ମୀଙ୍କ ସହ ଯୁକ୍ତିତର୍କ କରିଥିଲେ । ବାରମ୍ବାର ଅଭିଯୋଗ ପରେ ବି ଅଙ୍ଗନବାଡ଼ି କର୍ମୀ ସୁଧୁରୁ ନଥିବା ମହିଳା ମାନେ ଅଭିଯୋଗ କରିଥିଲେ । ଅଙ୍ଗନବାଡ଼ି କର୍ମୀ ନିଜର ମନମାନି ଅଧିକ କରିବା ଯୋଗୁ ଶନିବାର ଦିନ ବାଧ ହୋଇ ବହୁ ସଂଖ୍ୟାରେ ମହିଳା କେନ୍ଦ୍ରରେ ତାଲା ପକାଇଥିଲେ । ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ସେମାନେ କହିଛନ୍ତି ।

ଅଙ୍ଗନବାଡ଼ି କର୍ମୀ ଶିବାଜିନୀ ପ୍ରଧାନଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ । ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କୁ ପଚାରିବାରୁ ତଦନ୍ତ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ବିଏସ୍‌ଏଫ୍‌ର ଚାରାରୋପଣ କାର୍ଯ୍ୟକ୍ରମ



ଫୁଲବାଣୀ,୨।୮ (ସମିସ): ୧୧୬ ବାଟାଲିୟନ ବିଏସ୍‌ଏଫ୍ କାର୍ଯ୍ୟାଳୟ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ମାଦିକୁନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଏସ୍‌ଏଫ୍ କମାଣ୍ଡାଣ୍ଟ ଅଜୟ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ କମାଣ୍ଡାଣ୍ଟ ମାନଦେବ୍ ସିଂ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟଅତିଥି ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ବିଏସ୍‌ଏଫ୍ ଯବାନ ସହଯୋଗ କରିଥିଲେ ।

# ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ରାଇକିଆ,୨।୮ (ସମିସ): ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାଥମିକ ବିଭାଗ, ଶିଶୁ ବିଭାଗ, କିଶୋର ବର୍ଗରେ ୮୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ସଂକୁଳସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା । ମୂର୍ତ୍ତି କଳା, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା । ବିଚାରକ ଭାବେ ମ୍ଲାହୁପାଙ୍ଗା ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ନର୍ମଦା ପାତ୍ର, କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ସ୍ନିଗ୍ଧା ପ୍ରିୟଦର୍ଶିନୀ ପରିଡ଼ା, ଗୁଞ୍ଜିବାଡି ହାଇସ୍କୁଲର ଗଣିତ ଶିକ୍ଷକ ସୁଧୀର କାନ୍ତ ଗୌଡ଼ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଭାବେ ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ପ୍ରଫେସର୍ ଡ.ସନ୍ତୋଷ ନାୟକ, ବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇ ଉଦଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନାରାୟଣ ସାହୁ ଏବଂ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ ।



# ଓଷ୍ଟାର ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

ଫିରିଙ୍ଗିଆ,୨।୮ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଚକାପାଦ ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟସମିତି (ଓଷ୍ଟା)ର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ଓଷ୍ଟାର ଚକାପାଦ ବ୍ଲକ ସମ୍ପାଦକ ଶଶୀଭୂଷଣ ବିଶୋଇଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୫ ବିଦ୍ୟାଳୟ ବୁଦ୍ଧିଦେବୀ ଉଚ୍ଚ ବିଦ୍ୟପୀଠ ଘୁଡୁକାପଦର, ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ପସରା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଆରାବାକା, ମା' ବରାଳଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ତେନ୍ତୁଳିଗଡ଼, ବନବାସୀ ଉଚ୍ଚ ବିଦ୍ୟାଳୟ ଚାହାଳୀର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ବୈଠକରେ ଆସନ୍ତା ୧୬ ତାରିଖରେ ମିଳିତ ମଞ୍ଚର ଦାବି ଦିବସକୁ ନେଇ ସରକାରଙ୍କୁ ସମୂହ ଦାବି ଦେବା ଉପରେ ଆଲୋଚନା ହୋଇଥିଲା । ରାଜ୍ୟ ସଂଘର ଆହ୍ୱାନ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣା ଓ ପ୍ରତିବାଦ ସଭା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା । ଏହି ଅବସରରେ ଚକାପାଦ ବ୍ଲକ ଓଷ୍ଟା ସଂଘ ତରଫରୁ ପସରା ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈଠକରେ ଓଷ୍ଟାର ଚକାପାଦ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ବିଶୋଇ, ଜିଲ୍ଲା କାର୍ଯ୍ୟକାରିଣୀ ଉପ ସଭାପତି ପ୍ରଭାତ କୁମାର ରଥ, ରାଜ୍ୟ କନିଷ୍ଠ କିରାଣୀ ସଂଘ ସଭାପତି ପ୍ରକାଶ କୁମାର ପପ୍ରଧାନ, ବିରାଜ କୁମାର ଛୋଟରାୟଙ୍କ ସହ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



# ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ



ଫୁଲବାଣୀ,୨।୮ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଆୟୋଜିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସନ୍ତୋଷ କୁମାର ପାତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଏବଂ ଅତିରିକ୍ତ ପୁଲିସ୍ ଅଧିକ୍ଷକ ଅତିଥି ଭାବେ ଯୋଗ ଦେଇ ଏହି ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ଅବସରରେ କନ୍ଧମାଳ ଜିଲ୍ଲା ୬ ମୁଖ୍ୟ ସୂଚକାଙ୍କ ମଧ୍ୟରୁ ୫ଟିରେ ୧୦୦ ପ୍ରତିଶତ ସଫଳତା ହାସଲ କରି ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ କନ୍ଧମାଳ ଜିଲ୍ଲାପାଳ ପୁରସ୍କାର ଗ୍ରହଣ କରିଥିବା ନେଇ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଏବଂ ତୁମୁଡ଼ିବନ୍ଧ ବ୍ଲକ ଉନ୍ନୟନ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ସିଡ଼ିପିଓ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ, କୃଷି ଏବଂ ଶିକ୍ଷା ବିଭାଗରେ ଅଧିକାରୀଙ୍କୁ ମୁଖ୍ୟ ସୂଚକାଙ୍କରେ ୧୦୦ ପ୍ରତିଶତ ସଫଳତା ହାସଲ କରିଥିବା ଯୋଗୁଁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଭୀମସେନ ବାର୍ଲା ଅଧ୍ୟକ୍ଷତା କରିଥିବା ବେଳେ ଏସ୍.ଇ.ଆଇ ଅତୁଲ ଚନ୍ଦ୍ର ପ୍ରଧାନ , ଆଶିଷ୍ କୁମାର ଦିଗାଲ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । କୃଷି ଉଦ୍ୟାନ ଉପନିର୍ଦ୍ଦେଶିକା ସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜ୍ଞାନବିଜ୍ଞାନ ମେଳା; ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ

ପାରଳାଖେମୁଣ୍ଡି,୨।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ସଭାପତି ସୁବାସ ଜମାଦାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ମେଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ସଞ୍ଜୟ ଜେନା, ସମ୍ପାଦକ ଚନ୍ଦ୍ରଶେଖରଙ୍କ ପଟ୍ଟନାୟକ, ସହସମ୍ପାଦକ ବିଭୂତି ଭୂଷଣ ରଥ, କୋଷାଧ୍ୟକ୍ଷ ପ୍ରମୋଦ ପାଢ଼ୀ, ସଦସ୍ୟା ସରିତା ପାଣିଗ୍ରାହୀ, ସବିତା ଗମାଙ୍ଗ ଓ ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ମହନ୍ତ ମହାରାଜ ରାମାନନ୍ଦ ଦାସ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ମେଳାରେ ମୋଟ ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାକ୍ଷିକ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ମନୋଜ କୁମାର ପଣ୍ଡା, ପ୍ରମୋଦ କୁମାର ରଥ, ହରିକୃଷ୍ଣ ମିଶ୍ର, ହରିନାଥ ପାତ୍ର, ଆନନ୍ଦ ଶତପଥୀ, ଅମୂଲ୍ୟ ପାଣିଗ୍ରାହୀ, ସରୋଜ ଗୌଡ, ମହେଶ ପାଢ଼ୀ, ଗୋପାଳକୃଷ୍ଣ ପାଟଯୋଶୀ, ଜି. ଶ୍ରୀଲକ୍ଷ୍ମୀ ଓ କବିତା ରାଉତ ବିଚାରକ ରୂପେ ଯୋଗ ଦେଇ ସର୍ବୋତ୍ତମ ପ୍ରକଳ୍ପ ଚୟନ କରିବାରେ ସହଯୋଗ କରିଥିଲେ ।



# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୨।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ସମାରୋହ ଗଜପତି ଷ୍ଟାଡିୟମ୍‌ରେ ପାଳିତ ହେବାକୁ ସ୍ଥିର ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ଅତିଥି ମଧ୍ୟରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁ ମଞ୍ଚାସୀନ ଥିଲେ । ସ୍ୱାଧୀନତା ଦିବସରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରେଡ଼ରେ ଅଂଶଗ୍ରହଣ କରିବାକୁ ୧୧,୧୨ ଓ ୧୩ ତାରିଖରେ ପରେଡ଼ ଅଭ୍ୟାସ ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ସ୍ୱାଧୀନତା ଦିବସ ଦିନ ସକାଳ ୯ ଟା ୧୫ରେ ଗଜପତି ଷ୍ଟାଡିୟମ୍‌ରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବ । ଏଥିସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଏସଆଇ ଖୁସିରାମ ଭୋଇ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମଚାରୀ, ବ୍ୟାଙ୍କ ଶାଖା ପରିଚାଳକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବି ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

## ପାରଳାଖେମୁଣ୍ଡି ପୌରପରିଷଦର ସ୍ୱତନ୍ତ୍ର ବୈଠକ

# ସହରର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,୨।୮ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌରପରିଷଦର ସ୍ୱତନ୍ତ୍ର ବୈଠକ ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ବିଧାୟକ ଆଲୋଚନାର ପ୍ରଥମରୁ ସହରର ବିକାଶକୁ ଗୁରୁତ୍ୱ ଦେଇଥିଲେ । ପାରଳାଖେମୁଣ୍ଡି ପୌରପରିଷଦ ପୁରାତନ ସହର । ଏହି ସହରର ଉନ୍ନତି କିଭଳି ହେବ ସେନେଇ ପୌରପରିଷଦ ସଭ୍ୟସଭ୍ୟାଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ସହରର ମୁଖ୍ୟରାସ୍ତା, ନାଳ, ପିଇବା ପାଣି ସହ ଆଲୋକୀକରଣର ଉନ୍ନତି କିଭଳି ହେବ ସେ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ସମସ୍ତ ୱାର୍ଡସଭ୍ୟ ନିଜ ୱାର୍ଡର ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ତୁରନ୍ତ ଏହିସବୁ ସମସ୍ୟା ସମ୍ପର୍କରେ କାର୍ଯ୍ୟ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଜଣାଇ ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ । ସେହିପରି ସହରରେ ଥିବା ପୋଖରୀ ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବାକୁ ଆଲୋଚନା ହୋଇଥିଲା । ବୈଠକରେ ପୌରପରିଷଦର ଉପାଧ୍ୟକ୍ଷ ଲେଙ୍କା ମଧୁ, ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ସମସ୍ତ କାଉନସିଲର, ପୌରପରିଷଦର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



